# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 08 December – 2025

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଧେୟକ ଉପରେ ଜାରି ରହିଛି ଆଲୋଚନା
- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଦେଶବ୍ୟାପୀ ୧୦ କୋଟି ୩୩ ଲକ୍ଷ ନିଃଶୁଳ୍କ ଏଲ୍‌ପିଜି ସଂଯୋଗ ଦିଆଯାଇଥିବା ରାଜ୍ୟସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ
- ରାଜ୍ୟରେ ଖୁବ୍‌ଶୀଘ୍ର ୧୪ ଶହ ନୋଟାରୀ ନିଯୁକ୍ତି ନେଇ ଆରମ୍ଭ ହେବ ପ୍ରକ୍ରିୟା

ଏବଂ

- ବାରବାଟୀରେ ଆସନ୍ତାକାଲି ଖେଳାଯିବ ଭାରତ–ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍; ଦୁଇ ଦଳ ଆଜି କଲେ ଅଭ୍ୟାସ

Assembly

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନରେ ଆଜି ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଧେୟକ ଉପରେ ଆଲୋଚନା ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଲ୍‌କୁ ଗୃହରେ ଆଗତ କରିଥିଲେ। ଆଲୋଚନାରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଭାଗ ନେଇ ନିଜର ଯୁକ୍ତି ଉପସ୍ଥାପନ କରୁଛନ୍ତି। ଶାସକ ଦଳର ସଦସ୍ୟମାନେ ଆଲୋଚନାରେ ଭାଗ ନେଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଖଣି ଆଇନ୍‌ରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ରାଜ୍ୟରେ ଖଣି ରାଜସ୍ୱ ବୃଦ୍ଧି ହୋଇଛି। ଛାତ୍ରଛାତ୍ରୀଙ୍କ ପାଇଁ ପ୍ରି-ମାଟ୍ରିକ ସ୍କଲାରସିପ୍ ବୃଦ୍ଧି କରାଯାଇଛି। ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାରରେ ଓଡ଼ିଶା ସର୍ବାଧିକ ଲାଭବାନ ହୋଇଛି ବୋଲି ସଦସ୍ୟମାନେ ମତ ରଖିଛନ୍ତି। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହରେ ଉତ୍ତର ରଖିବେ। ପରେ ୧୭ ହଜାର ୭୪୦ କୋଟି ଟଙ୍କା ଅତିରିକ୍ତ ବଜେଟ୍ ଗୃହର ମଞ୍ଜୁରୀ ଲାଭ କରିବ ବୋଲି ଜଣାପଡ଼ିଛି।

Desk

# ବିଧାନସଭା-୧

ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ୬୦ ପ୍ରତିଶତ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ଖାଲି ପଡ଼ିଥିବା ନେଇ ଆଜି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ମନ୍ତ୍ରୀ

କହିଛନ୍ତି, ୬ ହଜାର ୨୭୧ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମେ ୫ ହଜାର ୩ ଜଣ ଡାକ୍ତର ସ୍ଥାୟୀ ନିଯୁକ୍ତି ପାଇଥିବା ବେଳେ ୧ ହଜାର ୧୪୫ ଜଣ ଠିକା ନିଯୁକ୍ତି ପାଇଛନ୍ତି। ମଞ୍ଜୁରୀପ୍ରାପ୍ତ ୧୫ ହଜାର ୭୭୪ ଡାକ୍ତର ପଦବୀ ମଧ୍ୟରୁ ୯ ହଜାର ୫୦୩ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ଏହି ପଦବୀ ପୂରଣ ପାଇଁ ରାଜ୍ୟ ଲୋକସେବା ଆୟୋଗଙ୍କ ନିକଟକୁ ପତ୍ର ଲେଖା ଯାଇଛି।

Desk

## ବିଧାନସଭା-୨

ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଅନ୍ୱେଷଣ'ରେ ୧ହଜାର ୨୦୯ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏହା ସହ ୬ ହଜାର ୬୬୭ ନିଖୋଜ ମହିଳାଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଲିଖିତ ଉତ୍ତର ରଖିଛନ୍ତି।

Desk

## ଲୋକସଭା- ନିଃଶୁଳ୍କ

ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀମାନଙ୍କୁ ୧୦ କୋଟି ୩୩ ଲକ୍ଷ ନିଃଶୁଳ୍କ ଏଲ୍‌ପିଜି ସଂଯୋଗ ଦିଆଯାଇଥିବା କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଆଜି ରାଜ୍ୟସଭାରେ କହିଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଉଜ୍ଜ୍ୱଳା ଯୋଜନା ୨୦୧୬ ମସିହାରେ ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାର ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଅତିରିକ୍ତ ୨୫ ଲକ୍ଷ ଏଲ୍‌ପିଜି ସଂଯୋଗକୁ ମଞ୍ଜୁରୀ ଦେଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ନୋଟାରୀ ଅଟୋମେସନ୍ ପୋର୍ଟାଲ

ରାଜ୍ୟରେ ଖୁବ୍‌ଶୀଘ୍ର ୧୪ ଶହ ନୋଟାରୀ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆଜି ନୋଟାରୀ ଅଟୋମେସନ୍ ପୋର୍ଟାଲକୁ ଶୁଭାରମ୍ଭ କରି ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ନୋଟାରୀ ସେବାକୁ ସହଜ, ସରଳ ଓ ଆଧୁନିକ କରିବା ପାଇଁ ଏହାର ଶୁଭାରମ୍ଭ କରାଯାଇଛି। 'ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍'କୁ ବୃଦ୍ଧି ଏବଂ ଆଇନସେବାରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା  ଦିଗରେ ଏହି ପୋର୍ଟାଲ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ପୋର୍ଟାଲ କାର୍ଯ୍ୟକ୍ଷମ ହେବାପରେ ନୋଟାରୀ ଆବେଦନ ପ୍ରକ୍ରିୟା ଓ ରେକର୍ଡ ରକ୍ଷଣ ବେକ୍ଷଣରେ କାର୍ଯ୍ୟକୁଶଳତା ବୃଦ୍ଧି ପାଇବା ସହ ଓକିଲ ଓ ସାଧାରଣ ଜନତା ନୋଟାରୀ ସେବାରେ ସୁବିଧା ପାଇପାରିବେ। ନୋଟାରୀ ମାନଙ୍କୁ ନିୟମିତ ନିଜ କାର୍ଯ୍ୟ ସମ୍ପର୍କିତ ତଥ୍ୟ ପୋର୍ଟାଲରେ ଅପଲୋଡ୍ କରିବାକୁ ହେବ। ଯାହାଦ୍ୱାରା ଦୁର୍ନୀତି ଓ ଠକାମୀର ସମ୍ଭାବନା ହ୍ରାସ ପାଇବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

**- V/O –**

GNR

# ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ସମ୍ମିଳନୀ ଓ କର୍ମଶାଳାର ଆୟୋଜନ କରିବାକୁ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ- ୟୁଜିସି' ପକ୍ଷରୁ ପରାମର୍ଶ ଦିଆଯାଇଛି। ମହିଳାଙ୍କ କ୍ଷେତ୍ରରେ ଲିଙ୍ଗଗତ ସମାନତା, ନେତୃତ୍ୱର ବିକାଶ ଓ ସଶକ୍ତୀକରଣ ସମ୍ପର୍କିତ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବିକଶିତ ରାଷ୍ଟ୍ର ଗଠନରେ ମହିଳାଙ୍କ ଅବଦାନକୁ ସୁନିଶ୍ଚିତ କରିବା ଲାଗି ଶିକ୍ଷା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥା ସୃଷ୍ଟି କରିବା ଉପରେ ଆୟୋଗଙ୍କ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଉଛି।

Desk

# କ୍ରିକେଟ

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ ଖେଳାଯିବ । ଏହା ପୂର୍ବରୁ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ଦଳ ବାରବାଟୀ ଷ୍ଟାଡିୟମ୍‌ରେ ଅଭ୍ୟାସ କରିଛନ୍ତି। ଆସନ୍ତକାଲି ହେବାକୁ ଥିବା ମ୍ୟାଚ୍ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

**- V/O -**

ବାରବାଟୀ ଷ୍ଟାଡିୟମ୍‌ରେ ଭାରତ–ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ଅନଲାଇନ୍ ଓ ଅଫଲାଇନ୍‌ରେ ଟିକେଟ କ୍ରୟ କରିଥିବା ଦର୍ଶକ ଆଜିଠାରୁ ଦୂରଦୂରାନ୍ତରୁ ଆସି କଟକ ପହଁଞ୍ଚିଛନ୍ତି। ଆଜି ଦୁଇ ଦଳର ଅଭ୍ୟାସ ଦେଖିବା ପାଇଁ ବାରବାଟୀ ଷ୍ଟାଡିୟମ୍ ପରିସରରେ ଭିଡ଼ ହୋଇଛି। ଆସନ୍ତାକାଲି ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ବାରବାଟୀରେ ଏହା ଚତୁର୍ଥ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ। ପୂର୍ବରୁ ଭାରତ ଏହି ଗ୍ରାଉଣ୍ଡରେ ତିନୋଟିଯାକ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟିରେ ପରାଜିତ ହୋଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ତୃତୀୟଥର ପାଇଁ ବାରବାଟୀରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ ବାରବାଟୀରେ ଖେଳାଯିବ। ମ୍ୟାଚ୍ ଦେଖିବା ଲାଗି ୪୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି।

ଆକାଶବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

BBSR/R

## କଳିଙ୍ଗ ହର୍ବାଲ ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। କାର୍ଯ୍ୟକ୍ରମକୁ ଆସନ୍ତା ବୁଧବାର ଦିନ ସନ୍ଧ୍ୟା ୬ଟାରେ ଜଙ୍ଗଲ, ପରିବେଶ

ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଉଦ୍‌ଘାଟନ କରିବେ। ୭ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଔଷଧୀୟ ଉଦ୍ଭିଦ କ୍ଷେତ୍ରର ହିତାଧିକାରୀଙ୍କ ମଧ୍ୟରେ ସମ୍ପର୍କ, ବ୍ୟବସାୟ, ଶିକ୍ଷା ଓ ସଚେତନତା ବୃଦ୍ଧି କରିବା। ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଦ୍ୱାରା ଆୟୋଜିତ ଏହି ମେଳାରେ ୧୩୦ଟି ଷ୍ଟଲ୍ ଖୋଲାଯିବ ଏବଂ ୨୬୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ରାଇରଙ୍ଗପୁର, କେନ୍ଦୁଝର ଓ ମାଲକାନଗିରିରେ ଚଳିତ ବର୍ଷ କ୍ଷେତ୍ରୀୟ କଳିଙ୍ଗ ହର୍ବାଲ ମେଳା ମଧ୍ୟ ଆୟୋଜିତ ହେବ।

Nayagarh

## ରୁକୁଣା ରଥ

ଭୁବନେଶ୍ୱରସ୍ଥିତ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଯୋଗାଇବା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ନୟାଗଡ଼ ବନଖଣ୍ଡକୁ ପତ୍ର ଲେଖାଯାଇଛି। ଆସନ୍ତା ମାର୍ଚ୍ଚ ୨୬ ତାରିଖରେ ଅଶୋକାଷ୍ଟମୀରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ପାଇଁ କାଠ ପୂଜା ପାଇଁ ଆସନ୍ତା ଶ୍ରୀପଞ୍ଚମୀ ତଥା ଜାନୁଆରୀ ୨୩ ତାରିଖ ପୂର୍ବରୁ କାଠ ଯୋଗାଇ ଦେବାକୁ ପତ୍ରରେ କୁହାଯାଇଛି। ଏହି ରଥ ନିର୍ମାଣ ପାଇଁ ବିଭିନ୍ନ ପ୍ରଜାତିର ସମୁଦାୟ ୩୬ଟି କାଠର ଆବଶ୍ୟକତା ରହିଥାଏ।

Gajapati/Nuapada/Kendrapra/Nabarangpur/BHK/Baragarh/Subarnpur/Nayagarh/Khurda/Boudh

## ଜନଅଭିଯୋଗ ଶୁଣାଣି

ରାଜ୍ୟରେ ବିଭିନ୍ନ ସ୍ଥାନରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ୪୭ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ ।

ଖୋର୍ଦ୍ଧା ଜିଲ୍ଲା ବଡ଼କୂଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ୮୪ଟି ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକରେ ଆୟୋଜିତ ଶିବିରରେ ପଞ୍ଜୀକୃତ ୫୧ଟି ଅଭିଯୋଗର ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ୯୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୧୮ଟି ଅଭିଯୋଗର ସମାଧାନ କରାଯିବା ସହ ୪ ଜଣଙ୍କୁ ଜିଲ୍ଲାରେ ରେଡ୍‌କ୍ରସ ପକ୍ଷରୁ ୧୬ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲାର ଝରିଗାଁଠାରେ ଆଜି ୨୮ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଶିବିରରେ ୮ ଜଣଙ୍କୁ ପେନସନ୍ ଓ ୩ ଜଣଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକରେ ଆୟୋଜିତ ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଦୁଇଜଣଙ୍କୁ ୮ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।

ସମ୍ବଲପୁର, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଜନଶୁଣାଣି ହୋଇଯାଇଛି ।

Nayagarh

## ଚାଷୀ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ଶରଧାପୁର ଓ ଭାଡ଼ିକିଳା ପଞ୍ଚାୟତରେ ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚାଷୀମାନେ କିଭଳି ଚାଷ କରି ଅଧିକରୁ ଅଧିକ ଲାଭବାନ ହୋଇପାରିବେ, ସେ ସମ୍ପର୍କରେ କୃଷି ବୈଜ୍ଞାନିକମାନେ ସଚେତନ କରାଇଥିଲେ ।